# ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକ ସମ୍ମିଳନୀ ଅନୁଷ୍ଠିତ

- ବ୍ୟାପକ ଚଢ଼ାଉ ସହ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ
- ପେସାଦାର ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ
- ବିଭିନ୍ନ ବିଭାଗ ସମନ୍ୱୟରେ ବେଆଇନ ନିଶା କାରବାର ରୋକିବା ଦିଗରେ ପରାମର୍ଶ

ଭୁବନେଶ୍ୱର, ତା, ୦୫.୦୬.୨୦୨୬

ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ ଫଳରେ ବିଗତ ଦୁଇ ବର୍ଷ ମଧ୍ୟରେ ରେକର୍ଡ ପରିମାଣରେ ବେଆଇନ ନିଶାଦ୍ରବ୍ୟ ଓ ମାଦକ ସାମଗ୍ରୀ ଜବତ ହେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏଥି ସହିତ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କୁ ବେଆଇନ ମାଦକ ଦ୍ରବ୍ୟ ତଥା ନିଷିଦ୍ଧ ନିଶା ସେବନଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି, ଯାହା ବିଭାଗ ପାଇଁ ଏକ ବଡ଼ ଉପଲବ୍ଧି । ତେବେ ଗୁଇନ୍ଦା ରିପୋର୍ଟକୁ ଆଧାର କରି ନିୟମିତ ଚଢ଼ାଉ ସହ ପେସାଦାର ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରି ନ୍ୟାୟାଳୟରେ ଦଣ୍ଡବିଧାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଏବଂ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ନେଇ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅବକାରୀ ଅଧିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି ।




ଆଜି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ନିର୍ମାଣ ସୌଧଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକ ସମ୍ମିଳନୀରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବେଆଇନ ନିଶା କାରବାର ଯୋଗୁଁ କେବଳ ଧନଜୀବନ ହାନି ଘଟୁ ନାହିଁ ବରଂ ରାଜ୍ୟରେ ଅନେକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ନିୟମିତ ଭାବେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି । ଏଥି ସହ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ତାଲିମ, ନିଆ ନିଯୁକ୍ତି, ବିଭିନ୍ନ ଜୋନ୍‌ରେ ଥିବା ସମସ୍ୟାର ସମାଧାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ ।

ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀ ଆର୍. ଏସ୍. ଗୋପାଳନ୍ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରଶାସନିକ ସଂସ୍କାର ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ଆହ୍ୱାନକୁ ସାମ୍ନା କରିବା ପାଇଁ ଅଧିକାରୀ ଓ କର୍ମଚାରୀ ସବୁବେଳେ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱ ଦେଇଥିଲେ ।

ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ସ୍ୱାଗତ ଭାଷଣ ପ୍ରଦାନ ସହ ବିଭିନ୍ନ ଜିଲ୍ଲାରେ ଚଢ଼ାଉ, ରାଜସ୍ୱ ଆଦାୟ ସମ୍ପର୍କିତ ସମସ୍ତ ତଥ୍ୟ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ ।

ବୈଠକରେ ବେଆଇନ ମାଦକ କାରବାର ରୋକିବା, ନିୟମିତ ଚଢ଼ାଉ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଅପରାଧୀଙ୍କ ବିରୋଧରେ ତଥ୍ୟ ଓ ପ୍ରମାଣ ସଂଗ୍ରହ, ନ୍ୟାୟାଳୟରେ ସଠିକ୍ ଦସ୍ତାବିଜ୍ ଉପସ୍ଥାପନ, ଗଞ୍ଜେଇ ଚାଷ ରୋକିବା ସହ ଅନ୍ୟ ବିଭାଗ ସମନ୍ୱୟରେ ସ୍ଥାନୀୟ ଅଧିବାସୀଙ୍କୁ ବିକଳ୍ପ ରୋଜଗାର ପନ୍ଥା ଆପଣେଇବାର ବାଟ ଦେଖାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।




ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ବିସିଏଲ୍‌ର ଏମ୍‌ଡି ଦେବେନ କୁମାର ପ୍ରଧାନ, ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଓ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ କମିଶନର ଶ୍ରୀ ରୁଦ୍ର ନାରାୟଣ ମହାନ୍ତି ଏବଂ ସବୁ ଜିଲ୍ଲାର ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ଲୋକସମ୍ପର୍କ ଅଧିକାରୀ